RNI No.ODIODI/2010/33031
୧୭ ବର୍ଷ Volume-17
ISSUE -59 ସଂଖ୍ୟା-୫୯
ଭୁବନେଶ୍ୱର, ମଙ୍ଗଳବାର ୧୨ ମଇ ୨୦୨୬
Bhubaneswar, Tuesday 12 May, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଲିଙ୍ଗରାଜ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ'

ଭାରତୀୟଙ୍କ ଆତ୍ମସମ୍ମାନର ପ୍ରତୀକ ସୋମନାଥ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୫(ନି.ପ୍ର.): : ସୋମନାଥ ଯଦି ଭାରତର ପଶ୍ଚିମ ପ୍ରହରୀ, ତେବେ ଲିଙ୍ଗରାଜ ହେଉଛନ୍ତି ପୂର୍ବର ଅବିଚଳିତ ଶକ୍ତି । ସୋମବାର ଲିଙ୍ଗରାଜ ପୀଠରେ ଆୟୋଜିତ 'ସୋମନାଥ ସ୍ୱାଭିମାନ ପର୍ବ' ଯୋଗ ଦେଇ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ଏକାମ୍ର କ୍ଷେତ୍ରସ୍ଥ ପ୍ରଭୁ ଲିଙ୍ଗରାଜଙ୍କ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ' ଏକ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ

ଆକ୍ରମଣ ସତ୍ତ୍ୱେ ବାରମ୍ବାର ପୁନର୍ଜନ୍ମ ନେଇଛି ଭାରତର ସ୍ୱାଭିମାନ

'ଅରେଞ୍ଜ ଇକୋନୋମି'ରେ ସମୃଦ୍ଧ ହେବ ଓଡ଼ିଶା

୧୪୦ କୋଟି ଭାରତୀୟଙ୍କ ଆତ୍ମସମ୍ମାନର ପ୍ରତୀକ ସୋମନାଥ : ମୁଖ୍ୟମନ୍ତ୍ରୀ

ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଗୁଜରାଟର ପ୍ରଭାସ ପାଟନସ୍ଥିତ ସୋମନାଥ ମନ୍ଦିରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିଚାଳିତ ଭବ୍ୟ ସମାରୋହର ସିଧାପ୍ରସାରଣ ଦେଖିଥିଲେ । ଏକାମ୍ର ପୀଠରେ ଏକ ବିଶେଷ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଗୁଜରାଟରୁ ଶ୍ରୀ ସୋମନାଥ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଭାବେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାର ସହ ଦେଖିବା ସହିତ ଲିଙ୍ଗରାଜ ପୀଠର ଶ୍ରଦ୍ଧାଳୁମାନଙ୍କ ସହ ସେହି ମୁହୂର୍ତ୍ତକୁ ବାଣ୍ଟିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭାରତୀୟ ସଂସ୍କୃତିର ସୁରକ୍ଷା ଓ ଶୈବପୀଠଗୁଡ଼ିକର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହିତ ପ୍ରଭୁ ସୋମନାଥଙ୍କ ସଂଘର୍ଷମୟ ଇତିହାସକୁ ସ୍ମରଣ କରି କରିଛନ୍ତି । ସୋମନାଥ ମନ୍ଦିରର ପୁନରୁଦ୍ଧାର ଥିଲା ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଭାରତୀୟ ସଭ୍ୟତାର ପୁନଃ ସ୍ଥାପନର ଶୁଭାରମ୍ଭ ଏବଂ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତର ସାଂସ୍କୃତିକ ପୁନର୍ଜାଗରଣ ଘଟୁଛି।

ଆକ୍ରମଣକାରୀମାନେ ବାରମ୍ବାର ମନ୍ଦିର ଧ୍ୱଂସ କରି ଭାରତର ଆତ୍ମାକୁ ମାଟିରେ ମିଶାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସନାତନୀଙ୍କ ରକ୍ତରେ ପ୍ରବାହିତ ଆସ୍ଥା ଯୋଗୁଁ ଏହା ପ୍ରତିଥର ପୁନର୍ଜନ୍ମ ଲାଭ କରିଛି । ସୋମନାଥ ପନୁରୁଦ୍ଧାରରେ ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଯୋଗଦାନକୁ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି । ତତ୍କାଳୀନ ରାଜନୈତିକ ବାଧାବିଘ୍ନ ଓ ତଥାକଥିତ ଧର୍ମ ନିରପେକ୍ଷତା ନାଁରେ ହୋଇଥିବା ବିରୋଧକୁ ସମାଲୋଚନା କରି ସେ କହିଥିଲେ ଯେ, ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ନୂତନ ଭାରତ' ନିଜର ପରିଚୟକୁ ନେଇ ଗର୍ବିତ । ମୋଦୀଜୀଙ୍କ 'ବିକାଶ ଭି, ବୀରାସତ ଭି' ମନ୍ତ୍ର ଆଜି କାଶୀ ବିଶ୍ୱନାଥ କରିଡରଠାରୁ ଆରମ୍ଭ କରି ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ସବୁଠି ପ୍ରତିଫଳିତ ହେଉଛି ।

ଓଡ଼ିଶାର ବିକାଶ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ସରକାର ରାଜ୍ୟର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶା ସରକାର ୩୩୦ କୋଟି ଟଙ୍କା ବିନିଯୋଗରେ ଏକାମ୍ର କ୍ଷେତ୍ରର ବିକାଶ ଏବଂ ୧୦୦୦ କୋଟି ଟଙ୍କା ବ୍ୟୟରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଭଳି ପ୍ରକଳ୍ପ ଓଡ଼ିଶାକୁ ଭାରତର ସାଂସ୍କୃତିକ ରାଜଧାନୀ ଭାବେ ପ୍ରତିଷ୍ଠା କରିବ ବୋଲି ସେ ପ୍ରକାଶ କରିଛନ୍ତି । ଏହାସହ 'ଅରେଞ୍ଜ ଇକୋନୋମି' ବା ସଂସ୍କୃତି ଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହନ ଦେଇ ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ତାଙ୍କ ସରକାରର ମୂଳ ଲକ୍ଷ୍ୟ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଭାରତର ସାଂସ୍କୃତିକ ପୁନର୍ଜାଗରଣ ଏବଂ ଶୈବପୀଠଗୁଡ଼ିକର ମହିମା ଉପରେ ଆଲୋକପାତ କରିବା ସହ କହିଥିଲେ ଯେ ଭାରତର ଆତ୍ମସମ୍ମାନ ଯେତେବେଳେ ବିପଦରେ ଥିଲା, ସେତେବେଳେ ସୋମନାଥ ମନ୍ଦିର ଏକ ଆଲୋକ ବର୍ତ୍ତିକା ସଦୃଶ ଉଭା ହୋଇଥିଲା । ଆମ ମାଟିର ପ୍ରତିଟି ଶିଳାଖଣ୍ଡରେ ଇତିହାସ ଓ ଆତ୍ମବିଶ୍ୱାସ ଲୁଚି ରହିଛି । କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ, ସଂସ୍କୃତି ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ ।

କଣାସରେ ଯୁବକକୁ ହାଣି ବୁଲେଟ ଚଢାଇ ହତ୍ୟା ଉଦ୍ୟମ ଘଟଣା

ପୁରୀ କୋର୍ଟରେ ମୁଖ୍ୟ ଅଭିଯୁକ୍ତର ଆତ୍ମସମର୍ପଣ

ପୁରୀ,୧୧।୫(ନି.ପ୍ର.): ପୁରୀ ଜିଲ୍ଲା କଣାସରେ ମାଛ ବଜାରରେ ଯୁବକକୁ ଗୋଡାଇ ଗୋଡାଇ ପନିକିରେ ହାଣିବା ଘଟଣାରେ ଆଜି ମୁଖ୍ୟ ଅଭିଯୁକ୍ତ ସୁଧାଂଶୁ ମହାପାତ୍ର ଓରଫ୍ ହାପି ଆତ୍ମସମର୍ପଣ କରିଛି । ପୁଲିସର ତତ୍ପରତା ଭିତରେ ହାପି ପୁରୀ କୋର୍ଟରେ ସରେଣ୍ଡର କରିଛି । ଘଟଣାରେ ପୂର୍ବରୁ ପୁଲିସ୍ ୪ ଜଣଙ୍କୁ ଗିରଫ କରିଥିବାବେଳେ ରାୟପୁରରୁ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ରାୟପୁରରୁ ବଳରାମକୁ ଗିରଫ କରି ପୁଲିସ୍ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

ଏହି ଘଟଣାରେ ପୁରୀ ଏସ୍‌ପି କଣାସ ଥାନାର ୩ ଏଏସ୍‌ଆଇଙ୍କୁ ମଧ୍ୟ ବଦଳି କରିଛନ୍ତି । ଜୁମର ବିଶ୍ୱାଳ, ସଞ୍ଜୟ ପାଙ୍ଗଣାଣୀ ଓ ସନ୍ତୋଷ ଉଦୟସିଂହଙ୍କୁ ଅସ୍ତରଙ୍ଗ, କାକଟପୁର ଓ କୃଷ୍ଣପ୍ରସାଦ ଥାନାକୁ ବଦଳି କରାଯାଇଛି । ଘଟଣା ମୁତାବିକ, କଣାସ ଥାନା ଦୋକନ୍ଦା ଗାଁର ମୃତ୍ୟୁଞ୍ଜୟ ଭାରିମଳଙ୍କୁ ଗୋଲାବଜାର ମାଛ ମାର୍କେଟ ନିକଟରେ କିଛି ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା

ଅନୁଯାୟୀ, ୩ରୁ ୬ ଜଣ ଦୁର୍ବୃତ୍ତ ଏକ ଧାରୁଆ ପନିକିରେ ମୃତ୍ୟୁଞ୍ଜୟଙ୍କୁ ନିର୍ମମ ଭାବେ ହାଣିବା ପରେ ତାଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ପଡ଼ି ରହିଥିବାବେଳେ ବଜାରରେ ଦୁର୍ବୃତ୍ତମାନେ ଆତଙ୍କ ଖେଳାଇଥିଲେ ।

ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣାର ୩୬ ଘଣ୍ଟା ମଧ୍ୟରେ ପୋଲିସ ପୂର୍ବରୁ ଚାରି ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଥିଲା । ପରବର୍ତ୍ତୀ ଚଢାଉ ସମୟରେ, ଅନ୍ୟ ଜଣେ ସହଯୋଗୀ, ବଳରାମ ଛୋଟରାୟ ଓରଫ ନିଲୁକୁ ରାୟପୁରରୁ ଗିରଫ କରାଯାଇଥିଲା । ସେ ଚାନ୍ଦପଡ଼ା ଗାଁର ଏବଂ ତାଙ୍କୁ ମେ ୯ ତାରିଖରେ କୋର୍ଟରେ ହାଜର କରାଯାଇଥିଲା । ପୋଲିସର ନିରନ୍ତର ଚାପ ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ହେତୁ, ଚାନ୍ଦପଡା ଗ୍ରାମର ଶେଷଦେବ ମହାପାତ୍ରଙ୍କ ପୁଅ ସୁଧାଂଶୁ ମହାପାତ୍ର କୋର୍ଟରେ ଆତ୍ମସମର୍ପଣ କରିଥିଲେ । ସେ କେନାଲ ରୋଡ ଅଞ୍ଚଳରେ ରୁହନ୍ତି । କୋର୍ଟ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା ବେଳେ ପୋଲିସ ଅଧିକ ପଚରାଉଚରା ପାଇଁ ରିମାଣ୍ଡ ନେବାକୁ ପଦକ୍ଷେପ ଆରମ୍ଭ କରିଛି ।

ପୁରୀ ସମୁଦ୍ରରେ ବୁଡ଼ି ଯାଉଥିବା ୮ ପର୍ଯ୍ୟଟକ ଉଦ୍ଧାର

ପୁରୀ୧୧।୫(ନି.ପ୍ର.): ଦେବଦୂତ ସାଜିରେ ଉଦ୍ଧାରକାରୀ ଦଳ । ସମୁଦ୍ର ଭିତରେ ବଞ୍ଚିଗଲା ୮ ଜଣଙ୍କ ପ୍ରାଣ । ପୁରୀ ବେଳାଭୂମିରେ ଏକାଧିକ ସ୍ଥାନରେ ଆଜି ବୁଡି ଯାଉଥିବା ବେଳେ ୮ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି । ସମସ୍ତେ ଓଡ଼ିଶା ବାହାର ପର୍ଯ୍ୟଟକ ଅଟନ୍ତି । ପୁରୀ ବେଳାଭୂମିର ସେକ୍ଟର ୮ ବାଥିଙ୍ଗ ଯୋନରେ ଝାଡ଼ଖଣ୍ଡର ୩୦ବର୍ଷୀୟ ରକି ଚଟାର୍ଜୀ ,ସେହିପରି ସେକ୍ଟର ୩ ବାଥିଙ୍ଗ ଯୋନରେ ଝାଡ଼ଖଣ୍ଡର ୧୮ବର୍ଷୀୟ ଉତ୍ତମ କେଶରୀ ଓ ୧୮ବର୍ଷୀୟ ଅଙ୍କିତ କୁମାର ସା ଏବଂ ସେକ୍ଟର ୮ରେ ପଶ୍ଚିମବଙ୍ଗ ୨୪ ପ୍ରଗଣାର ୨୧ବର୍ଷୀୟ ବିଶାଲ ପରମଣିକ, ୨୨ବର୍ଷୀୟ ମାନସ ପାଲ ଓ ୨୩ ବର୍ଷୀୟ ସୁପ୍ରିୟ ମଣ୍ଡଳଙ୍କୁ ଉଦ୍ଧାର କରାଯାଇଛି । ସେହିପରି ସେକ୍ଟର ୩ରେ ଛତିଶଗଡ଼ର ଏକ ଦମ୍ପତିଙ୍କୁ ଉଦ୍ଧାର କରାଯାଇଛି । ଉଭୟ ହେଲେ ୨୪ବର୍ଷୀୟ ସନ୍ତୋଷ ଭାଗତ ଓ ୨୩ବର୍ଷୀୟା ସୋନିଆ ଭାଗତ ଲାଇଫଗାର୍ଡ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର ହୋଇଛନ୍ତି । ଉଦ୍ଧାର ହୋଇଥିବା ସମସ୍ତ ପର୍ଯ୍ୟଟକ ସୁସ୍ଥ ରହିଥିବା ସୂଚନା ମିଳିଛି ।

ତେବେ ରିପ୍ କରେଣ୍ଟ ଓ ଉଚ୍ଚ ଜୁଆର ଯୋଗୁଁ ପର୍ଯ୍ୟଟକ ମାନେ ଶୀଘ୍ର ସମୁଦ୍ର ଭିତରକୁ ଚାଲିଯାଉଥିବାରୁ ଉପସ୍ଥିତ ଲାଇଫଗାର୍ଡଙ୍କ କଥା ମାନି ସୁରକ୍ଷିତ ସ୍ନାନ କରିବାକୁ ବାରମ୍ବାର ପ୍ରଶାସନ ପକ୍ଷରୁ କୁହାଯାଉଛି ।

ଲାଗୁ ହେବନି 'ଭିଡ଼ ହିଂସା' ଧାରା : କ୍ରାଇମବ୍ରାଞ୍ଚ ଡିଜି

ଭୁବନେଶ୍ୱର,୧୧।୫(ନି.ପ୍ର.): ରାଜଧାନୀ ଭୁବନେଶ୍ୱରର ବାଲିଅନ୍ତା ସୌମ୍ୟ ମୃତ୍ୟୁ ଘଟଣା ସାରା ରାଜ୍ୟକୁ ଦୋହଲାଇ ଦେଇଛି । ସେହି ବେଳର ଦୃଶ୍ୟ ଯିଏ ବି ଦେଖୁଛି ତାର ଲୋମ ଟାଙ୍କୁରି ଉଠୁଛି । ତେବେ ଏକାଧିକ ଲୋକେ ଏଥିରେ ସାମିଲ ଥିଲେ ସୁଦ୍ଧା ଏହି ମାମଲାରେ 'ଭିଡ଼ ହିଂସା' ବା 'ମବ୍ ଲିଞ୍ଚିଙ୍ଗ୍' ଧାରା ଲାଗ ହେବ ନାହିଁ । କିନ୍ତୁ ହତ୍ୟା ମାମଲାରେ ଯାହା ଦଣ୍ଡ ବିଧାନ ରହିଛି ଏଥିରେ ସମାନ ଦଣ୍ଡ ବିଧାନ ରହିବ ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟ ତୋଷ ମିଶ୍ର । କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି ବାଲିଅନ୍ତା ଘଟଣାକୁ ଅତି ଗୁରୁତର ସହିତ ଗ୍ରହଣ କରାଯାଇଛି । ବିଭିନ୍ନ ଲୋକଙ୍କ ବୟାନ ରେକର୍ଡ କରାଯାଉଛି । ସେଠାରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ହତ୍ୟାକାଣ୍ଡରେ ଜଡ଼ିତ ନ ଥିଲେ । କିଛି ଲୋକ କେବଳ ଛିଡ଼ା ହୋଇ ଦେଖିଥିଲେ । କିଛି ଲୋକ ମାଡ଼ ମାରିଥିଲେ । ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି । କିନ୍ତୁ ଏହି ଘଟଣାରେ ଭିଡ଼ ହିଂସା ଧାରା ଲାଗୁ କରାଯିବ ନାହିଁ ।

ଡିଜି କହିଛନ୍ତି ଯେ ଭିଡ଼ ହିଂସାକୁ ନେଇ ଭାରତୀୟ ନ୍ୟାୟ ସଂହିତାରେ କିଛିଟା କ୍ଲଜ୍ ରହିଛି । ୫ରୁ ଅଧିକ ଲୋକ ଯଦି ଜାତି, ଧର୍ମ, ଯୌନ, ଜନ୍ମ ସ୍ଥାନ, ଭାଷା କିମ୍ବା ବ୍ୟକ୍ତିଗତ ଭାବାବେଗକୁ ନେଇ ଆକ୍ରମଣ କରିଥିବେ ତେବେ ତାହା ଭିଡ଼ ହିଂସା ଅଧୀନରେ ଆସିବ । କିନ୍ତୁ ବାଲିଅନ୍ତା ମାମଲାରେ ଏତଲାରେ ସେଭଳି କିଛି ଅଭିଯୋଗ ଆସି ନାହିଁ । ତେଣୁ ଏଠାରେ ଭିଡ଼ ହିଂସାର ଧାରା ଲାଗୁ ହୋଇପାରିବ ନାହିଁ । କିନ୍ତୁ ଆଗାମୀ ଦିନରେ ତଦନ୍ତ କ୍ରମରେ ଯଦି ଏଭଳି ଅଭିଯୋଗ ଆସେ ତେବେ ଧାରା ଲାଗୁ କରାଯିବ । ତେବେ ଭିଡ଼ ହିଂସା ଏବଂ ଏହି ହତ୍ୟା କାଣ୍ଡରେ ସମାନ ଦଣ୍ଡବିଧାନ ହେବ ବୋଲି ସ୍ପଷ୍ଟ କରିଛନ୍ତି ଡିଜି ଶ୍ରୀଯୁକ୍ତ ମିଶ୍ର ।

ଜୁଲାଇରୁ ସାରା ଦେଶରେ ଲାଗୁ ହେବ ଭିବି-ଜି-ରାମ-ଜି

ନୂଆଦିଲ୍ଲୀ,୧୧।୫(ନି.ପ୍ର.): କେନ୍ଦ୍ର ସରକାରଙ୍କ ବିକଶିତ ଭାରତ-ନିଶ୍ଚିତ ରୋଜଗାର ଏବଂ ଆଜୀବନ ମିଶନ (ଗ୍ରାମୀଣ) ବା ଭିବି-ଜି ରାମ୍ ଜି ଆଇନ ୨୦୨୫ ଲାଗୁ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ଜୁଲାଇ ପହିଲାରେ ଦେଶ ବ୍ୟାପୀ ଭିବି-ଜି ରାମ୍ ଜି ଲାଗୁ ହେବ । କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଏହା ଲାଗୁ ହେବ । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ନୂତନ ନିୟମ ଅନୁଯାୟୀ, ଗ୍ରାମୀଣ ପରିବାର ପ୍ରତ୍ୟେକ ବୟସ୍କ ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବରେ ଅଣକୁଶଳୀ ହସ୍ତଗତ କାର୍ଯ୍ୟ କରିବାକୁ ଚାହାଁନ୍ତି ସେମାନେ ଭିବି-ଜି ରାମ ଜିରେ ନାମ ପଞ୍ଜିକରଣ କରିପାରିବେ । ସେମାନେ ପ୍ରତି ଆର୍ଥିକ ବର୍ଷରେ ୧୨୫ ଦିନର ମଜୁରୀ ନିଯୁକ୍ତିର ଏକ ବୈଧାନିକ ଗ୍ୟାରେଣ୍ଟି ପାଇବାକୁ ହକଦାର ହେବେ । ମନ୍ତ୍ରାଳୟ ସ୍ପଷ୍ଟ କରିଛି ଭିବି-ଜି-ରାମ ଜି ଆଇନ କାର୍ଯ୍ୟକାରୀ ହେବା ସହିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ ବା ମନରେଗା ୨୦୦୫କୁ ତତ୍କାଳ ସ୍ୱରୂପ ଉଚ୍ଛେଦ କରାଯିବ । ସେହିପରି ମନ୍ତ୍ରାଳୟ ଆହୁରି ସ୍ପଷ୍ଟ କରିଛି ଯେ ଇ-କେୱାଇସି କରିଥିବା ସମସ୍ତ ମନରେଗା କାର୍ଡ ମଧ୍ୟ ନୂତନ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାର୍ଡ ବୈଧ ରହିବ । ଏହା ସହିତ ଯେଉଁମାନଙ୍କର ଇ-କେୱାଇସି ଜାରି ରହିଛି ସେମାନଙ୍କ ପାଇଁ ମଧ୍ୟ ଏହି ନିୟମ ଲାଗୁ ହେବ । ଗ୍ରାମ ପଞ୍ଚାୟତ ଜରିଆରେ ଜବ୍ କାର୍ଡ ପାଇଁ ଆବେଦନ ଜାରି ରଖିବେ ।

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପ୍ରତିନିଧି ଦଳର ପାରାଦୀପ ବନ୍ଦର ପରିଦର୍ଶନ

ପାରାଦୀପ ୧୧।୫(ନି.ପ୍ର.): ଭାରତ ସରକାରଙ୍କ ଶିଳ୍ପ ଅଂଶୀଦାରମାନଙ୍କ ସହିତ ସିଧାସଳଖ ଜଡିତ ହେବା ଏବଂ କ୍ଷେତ୍ରୀୟ ଚ୍ୟାଲେଞ୍ଜଗୁଡ଼ିକୁ ବୁଝିବା ପାଇଁ କେନ୍ଦ୍ର ସରକାରଙ୍କ କ୍ଷେତ୍ର ପ୍ରସାର କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳର ଯୁଗ୍ମ ସଚିବ ସୁଶ୍ରୀ ଜୁହି ମୁଖାର୍ଜୀଙ୍କ ନେତୃତ୍ୱରେ ସୋମବାର ଦିନ ପାରାଦୀପ ବନ୍ଦର ପ୍ରାଧିକରଣ ପରିଦର୍ଶନ କରିଥିଲେ । ପ୍ରତିନିଧି ଦଳ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ପରିଦର୍ଶନ କରିଥିଲେ ଏବଂ ବନ୍ଦର ଭିତ୍ତିଭୂମି, ଲଜିଷ୍ଟିକ୍ସ, ବାଣିଜ୍ୟ ସୁବିଧା, ଶିଳ୍ପ ଅଭିବୃଦ୍ଧି, କାର୍ଯ୍ୟକ୍ଷମ ଦକ୍ଷତା ଏବଂ ଭବିଷ୍ୟତ ସମ୍ପ୍ରସାରଣ ଯୋଜନା ସହିତ ଜଡିତ ପ୍ରମୁଖ ପ୍ରସଙ୍ଗ ଉପରେ ବନ୍ଦରର ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ ।

ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନା, ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ, ଟ୍ରାଫିକ ପରାମର୍ଶଦାତା ଏ.କେ.ବୋଷ, ବିଭାଗୀୟ ମୁଖ୍ୟ ଏବଂ ବନ୍ଦରର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତିନିଧିମଣ୍ଡଳକୁ ସ୍ୱାଗତ କରିଥିଲେ ।ଆଲୋଚନା ସମୟରେ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଭାରତର ସାମୁଦ୍ରିକ ବାଣିଜ୍ୟ ଇକୋସିଷ୍ଟମରେ ବନ୍ଦରର ରଣନୈତିକ ଗୁରୁତ୍ୱ ଏବଂ ପ୍ରମୁଖ କାର୍ଗୋ ? ପରିମାଣ ପରିଚାଳନା, ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ ଏବଂ ପୂର୍ବ ଉପକୂଳର ଲଜିଷ୍ଟିକ୍ସ ନେଟୱର୍କକୁ ସୁଦୃଢ଼ ? ?କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରିଥିଲେ । ଆଲୋଚନାରେ ଭିତ୍ତିଭୂମି ବିକାଶ ପଦକ୍ଷେପ, ବହୁମୁଖୀ ସଂଯୋଗୀକରଣ, ଯାନ୍ତ୍ରିକୀକରଣ, କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜ ଏବଂ ବନ୍ଦରରେ ଦକ୍ଷତା ଏବଂ ବ୍ୟବସାୟ କରିବାର ସହଜତାକୁ ଉନ୍ନତ କରିବା ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା ।କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପ୍ରତିନିଧିମଣ୍ଡଳୀ ର ଗସ୍ତ ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ଅଂଶୀଦାରମାନଙ୍କ ମଧ୍ୟରେ ଗଠନମୂଳକ ଆଲୋଚନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା, ଯାହା ସାମୁଦ୍ରିକ ଏବଂ ଶିଳ୍ପ କ୍ଷେତ୍ରର ଭୂମିଗତ ବାସ୍ତବତା ଏବଂ ଭବିଷ୍ୟତର ଆବଶ୍ୟକତାକୁ ଭଲ ଭାବରେ ବୁଝିବାରେ ସକ୍ଷମ କରିଥିଲା ।ପାରାଦୀପ ବନ୍ଦର ପ୍ରାଧିକରଣ ବିଶ୍ୱସ୍ତରୀୟ ବନ୍ଦର ଭିତ୍ତିଭୂମି, ଦକ୍ଷ ପଣ୍ୟ ପରିଚାଳନା ଏବଂ ସ୍ଥାୟୀ ବିକାଶ ପଦକ୍ଷେପ ମାଧ୍ୟମରେ ଜାତୀୟ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ପ୍ରତି ତାହାର ପ୍ରତିବଦ୍ଧତାକୁ ପୁନଃଦୋହରାଇଛନ୍ତି ।

ଡାହୁକ

ନ କହିବା ଭଲ ରାଜ୍ୟର ଆମର
ପରିସ୍ଥିତି ଯାହା ହେଲାଣି
ପୁଲିସି ବାବୁଙ୍କୁ ମାମୁଁ ଡାକିବାକୁ
ମନ କୁଣ୍ଠାବୋଧ କଲାଣି
ପୁଲିସି ଆଗରେ ମାଡ଼ ଖାଇ ଯଦି
ଜୀବନ କାହାର ଗଲାଣି
ଗୃହ ବିଭାଗଟା ମୁଖ୍ୟମନ୍ତ୍ରୀ ହାତେ
ନେଇଯିବା ଭଲ ମେଲାଣି ।

-ବିଧୁ

ସୋମନାଥରେ କୁମ୍ଭାଭିଷେକର ଭବ୍ୟ ଆୟୋଜନ

୧୧ ତୀର୍ଥର ପବିତ୍ର ଜଳରେ ହେଲା ଶିଖର ଅଭିଷେକ

ସୋମନାଥ,୧୧।୫(ନି.ପ୍ର.): ଗୁଜୁରାଟର ପବିତ୍ର ସୋମନାଥ ଧାମରେ ସୋମବାର ଭକ୍ତି ଓ ଆଧ୍ୟାତ୍ମିକତାର ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଲା । 'ସୋମନାଥ ଅମୃତ ପର୍ବ-୨୦୨୬' ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମନାଥ ମନ୍ଦିରରେ ପହଞ୍ଚି ଭଗବାନ ଶିବଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ମନ୍ଦିରର ପୁନଃନିର୍ମାଣ ଏବଂ ପୁନଃପ୍ରତିଷ୍ଠାର ୭୫ତମ ବାର୍ଷିକୀ ଅବସରରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମ ଦେଶର ସନାତନ ପରମ୍ପରା ଓ ସଂସ୍କୃତିର ଗୌରବକୁ ଆହୁରି ଉଜାଗର କରିଛି ।ଏହି ଅବସରରେ ସୋମନାଥ ମନ୍ଦିରର ୯୦ ମିଟର ଉଚ୍ଚ ଶିଖରକୁ ଦେଶର ୧୧ଟି ପବିତ୍ର ତୀର୍ଥସ୍ଥଳରୁ

ଅଣାଯାଇଥିବା ପବିତ୍ର ଜଳରେ ଅଭିଷେକ କରାଯାଇଥିଲା । ଏହା ପାଇଁ ବିଶେଷ ଭାବେ ତିଆରି ହୋଇଥିବା ଏକ ବିଶାଳ କଳଶ ବ୍ୟବହାର କରାଯାଇଥିଲା । ୧,୧୦୦ ଲିଟର କ୍ଷମତା ବିଶିଷ୍ଟ ଏହି କଳଶର ଓଜନ ପ୍ରାୟ ୭୬୦ କିଲୋଗ୍ରାମ ଥିବା ବେଳେ, ପାଣି ଭରିବା ପରେ ଏହାର ଓଜନ ୧.୮୬ ମେଟ୍ରିକ ଟନ୍ ?କୁ ପହଞ୍ଚିଥିଲା । ୮ ଫୁଟ ଉଚ୍ଚ ଏହି କଳଶକୁ ୩୫୦ ଟନ୍ କ୍ଷମତା ବିଶିଷ୍ଟ ଅଲ୍-ଟେରେନ୍ କ୍ରେନ୍ ସାହାଯ୍ୟରେ ମନ୍ଦିରର ଶିଖରକୁ ଉଠାଯାଇଥିଲା ।ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଅନେକ ରାଜ୍ୟର କଳାକାର ଏବଂ ଦୂରଦୂରାନ୍ତର ଦର୍ଶକ ଆସିଥିଲେ ।ପ୍ରଧାନମନ୍ତ୍ରୀ ମୋଦୀ 'ବିଶେଷ ମହାପୂଜା', 'କୁମ୍ଭାଭିଷେକ' ଓ 'ଧ୍ୱଜାରୋହଣ' କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଏହା ସହ ସ୍ମାରକୀ ଡାକଟିକଟ ଓ ବିଶେଷ ମୁଦ୍ରା ଉନ୍ମୋଚନ କରିଥିଲେ । ମନ୍ଦିରକୁ ଆସିବା ପୂର୍ବରୁ ସେ ଏକ ଭବ୍ୟ ରୋଡ୍ ?ଶୋରେ ଯୋଗ ଦେଇଥିଲେ, ଯେଉଁଠାରେ ହଜାର ହଜାର ଭକ୍ତ ତାଙ୍କୁ ସ୍ୱାଗତ କରିଥିଲେ । ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଓ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଂଘଭି ମଧ୍ୟ ଉପସ୍ଥିତ ଥିଲେ । ମେ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଚାରିଦିନିଆ ମହୋତ୍ସବ ସ୍ୱାଧୀନତା ପରେ ପ୍ରଥମ ଜ୍ୟୋତିର୍ଲିଙ୍ଗ ମନ୍ଦିରର ପୁନଃନିର୍ମାଣର ୭୫ ବର୍ଷ ପୂର୍ତ୍ତିକୁ ସ୍ମରଣୀୟ କରିଛି । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ୱପ୍ନର ସୋମନାଥ ଆଜି ସନାତନ ଐତିହ୍ୟର ପୁନର୍ଜାଗରଣର ପ୍ରତୀକ ହୋଇଉଠିଛି ।